ରିପୋର୍ଟ ଯୋଗ୍ୟ

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ...**

**ଦେୱାନୀ ଅପିଲ କ୍ଷେତ୍ରାଧିକାର**

**୨୦୨୧ର ଦେୱାନୀ ଆବେଦନ ନମ୍ବର ୨୨୭୪**

**(୨୦୨୧ ର ସ୍ପେଶାଲ ଲିଭ ପିଟିସନ (ଦେୱାନୀ) ନମ୍ବର ୫୦୧୪ ରୁ ଆସିଛି)**

**ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ .............................. ଅପିଲକାରୀ (ମାନେ )**

**ବନାମ**

**ଓଡ଼ିଶା ଘରୋଇ ଇଞ୍ଜିନିୟରିଂ କଲେଜ ଆସୋସିଏସନ୍ (ଓ ପି ଇ ସି ଏ) ଓ ଅନ୍ୟ ଜଣେ..... ପ୍ରତିବାଦୀ (ମାନେ)**

**ରାୟ**

**ଡ. ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼, ବିଚାରପତି**

୧. ଅନୁମତି ପ୍ରଦାନ କରାଯାଇଛି ।

୨. ଏହି ଅପିଲ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠର ତା ୨୧ ଜାନୁୟାରୀ, ୨୦୨୧ରିଖ ଆଦେଶରୁ ଆସିଛି । ୨୦୨୦-୨୧ ଶିକ୍ଷାବର୍ଷ ଲାଗି ଶିକ୍ଷା ଦେଉଥିବା ଶିକ୍ଷା ପ୍ରତିଷ୍ଠାନଗୁଡିକୁ ବି. ଟେକ. ଇଞ୍ଜିନିୟରିଂ ଡିଗ୍ରୀ ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଯୋଗ୍ୟତା ପରୀକ୍ଷାର ପ୍ରାପ୍ତାଙ୍କ ଆଧାରରେ ନାମ ଲେଖାଇବାକୁ ଅନୁମତି ପ୍ରଦାନ ପାଇଁ ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ରିଟ୍ ଆବେଦନକୁ ଉଚ୍ଚ ନ୍ୟାୟାଳୟ ମଞ୍ଜୁର କରିଛନ୍ତି। ଏହା ସମ୍ଭବତଃ ଏକ ବୈଧାନିକ ଆବଶ୍ୟକତାକୁ କୋହଳ କରିବା ଉଦ୍ଦେଶ୍ୟରେ କରାଯାଇଛି ଯେ ସମସ୍ତ ନାମଲେଖା କେନ୍ଦ୍ରୀକୃତ ପ୍ରବେଶିକା ପରୀକ୍ଷା ଆଧାରରେ ହେବ ।

୩. ଓଡ଼ିଶା ରାଜ୍ୟରେ ଏକ ଆଇନ୍ , ଯାହାର ନାମ ଓଡ଼ିଶା ପେସାଦାର ଶିକ୍ଷା ପ୍ରତିଷ୍ଠାନ (ନାମଲେଖା ନିୟମାବଳୀ ଓ ଶୁଳ୍କ ନିର୍ଦ୍ଧାରଣ ) ଅଧିନିୟମ , ୨୦୦୭[1] ଧାରା ୩ ଅନ୍ତର୍ଗତ ଉପଲବ୍ଧିମାନ ନିମ୍ନମତେ ଦିଆଗଲା :

୨୦୦୭ ଅଧିନିୟମର ଧାରା ୩ ରେ ନିମ୍ନୋକ୍ତ ବ୍ୟବସ୍ଥା ରହିଛି :

"୩. (୧) ଏହି ଅଧିନିୟମର ବ୍ୟବସ୍ଥାର ବଶବର୍ତ୍ତୀ ରହି ସମସ୍ତ ଘରୋଇ ବୃତ୍ତିଗତ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀଙ୍କ ନାମଲେଖା , ସିଧାସଳଖ ନାମଲେଖା ପ୍ରବେଶ ବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନଙ୍କ ନାମଲେଖା ପାଇଁ ଥିବା ସିଟ ଗୁଡିକୁ ପାର୍ଶ୍ୱ ପ୍ରବେଶ ସିଟ ସମେତ ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରବେଶିକା ପରୀକ୍ଷା (ଗୁଡ଼ିକ) ଏବଂ ମେଧା କ୍ରମେ କେନ୍ଦ୍ରୀକୃତ ପରାମର୍ଶ ଜରିଆରେ ନୀତି ଯୋଜନା ସଂସ୍ଥା ଦ୍ୱାରା ସୁପାରିସ କରାଯାଇଥିବା ଏବଂ ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରକ୍ରିୟା ଅନୁଯାୟୀ କରାଯିବ।

(୨) ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓ ଜେ ଇ ଇ) / ଡିପ୍ଲୋମା ପ୍ରବେଶିକା ପରୀକ୍ଷା (ଡି ଇ ଟି) ର ପରାମର୍ଶ ପର୍ଯ୍ୟାୟ ଖାଲି ପଡିବା ପରେ , ଅର୍ଥାତ୍ ଅତି କମରେ ଦୁଇ ରାଉଣ୍ଡ କେନ୍ଦ୍ରୀକୃତ ପରାମର୍ଶ ପରେ , ଓ ଜେ ଇ ଇ / ଡି ଇ ଟି ସମିତିର ତଦାରଖ ଅଧୀନରେ ସମସ୍ତ ବୈଷୟିକ ଏବଂ ବୃତ୍ତିଗତ ସଂସ୍ଥାନର ମେଧା ଆଧାରରେ ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରବେଶିକା ପରୀକ୍ଷା (ଗୁଡ଼ିକ) ରୁ ଖାଲି ଥିବା ସିଟ ପୂରଣ କରିବା ପାଇଁ ସରକାର ସମୟ ସମୟରେ ପ୍ରକ୍ରିୟା ସ୍ଥିର କରିବେ । ଯେଉଁ ଆସନ ପାଇଁ ପ୍ରାର୍ଥୀ ଚୟନର ଅଭାବ କାରଣରୁ ପ୍ରାୟୋଜିତ ହୋଇପାରିନଥିଲା ଏବଂ ଯେଉଁ ଆସନ ରିପୋର୍ଟ ହୋଇନଥିବା ମାମଲା କାରଣରୁ ଖାଲି ରହିଥିଲା ତାହା ଦ୍ୱିତୀୟ ପର୍ଯ୍ୟାୟ କେନ୍ଦ୍ରୀକୃତ କାଉନସେଲିଂ ସିଟ ଭାବେ ବିବେଚିତ ହେବ, ଯେଉଁଥିରେ ସରକାରଙ୍କ ନିର୍ଦ୍ଧାରିତ ପଦ୍ଧତିରେ କଲେଜ ଛାତ୍ରଛାତ୍ରୀଙ୍କ ନାମ ଲେଖାଯାଇପାରିବ । ଯେ କୌଣସି ପରିସ୍ଥିତିରେ , ସଂସ୍ଥାନ ସ୍ତରରେ ଖାଲି ଥିବା ପଦବୀ ପୂରଣ ପାଇଁ ହୋଇଥିବା ନାମଲେଖା ପ୍ରକ୍ରିୟାରେ ଭାଗ ନେବାର ଅଧିକ ସୁଯୋଗ ରିପୋର୍ଟ ହୋଇଥିବା ମାମଲାକୁ ଦିଆଯିବ ନାହିଁ"।

୪. କୋଭିଡ - ୧୯ ମହାମାରୀ ବ୍ୟାପିବା କାରଣରୁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏ ଆଇ ସି ଟି ଇ)[2] ତା ୧୯ ଅଗଷ୍ଟ ୨୦୨୦ ରିଖରେ ଏକ ପରିପତ୍ର ଆଦେଶ (ସର୍କୁଲାର) ଜାରି କରିଥିଲା , ଯେଉଁଥିରେ ପି ଜି ଡି ଏମ୍ / ଏମ୍ ବି ଏ ପାଠ୍ୟକ୍ରମ ପାଇଁ ଉପଲବ୍ଧ ଖାଲି ସିଟରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଯୋଗ୍ୟତା ସର୍ତ୍ତାବଳୀ କୋହଳ କରାଯାଇଥିଲା ଯାହା ଯୋଗ୍ୟତା ପରୀକ୍ଷା ରେ ଆଶାୟୀ ପ୍ରାର୍ଥୀ ହାସଲ କରିଥିବା

[1] ୨୦୦୭ ଅଧିନିୟମ

[2] "ଏ ଆଇ ସି ଟି ଇ "

ନମ୍ବର ଆଧାରରେ ନିର୍ଦ୍ଧାରଣ ହେବ। ବି. ଟେକ୍. ଡିଗ୍ରୀ ପାଠ୍ୟକ୍ରମ ଲାଗି ଏହି ପରିପତ୍ର ଆଦେଶ (ସର୍କୁଲାର) ଲାଗୁ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସମ୍ବିଧାନର ଧାରା ୨୨୬ ଅଧୀନରେ ପ୍ରଥମ ପ୍ରତିବାଦୀ ଏହି ପରିପତ୍ର ଆଦେଶ (ସର୍କୁଲାର) ଉପରେ ନିର୍ଭର କରି ଉଚ୍ଚ ନ୍ୟାୟାଳୟରେ ଏକ ପିଟିସନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ୨୪ ଡିସେମ୍ବର ୨୦୨୦ ରେ ନିଜର ଆଦେଶ ଜାରି କରି ଏ ଆଇ ସି ଟି ଇ ଏବଂ ରାଜ୍ୟ ସରକାରଙ୍କ ଉପରେ ଛାଡ଼ି ଦେଇଥିଲେ ଯେ ପି ଜି ଡି ଏମ୍ / ଏମ୍ ବି ଏ ପାଠ୍ୟକ୍ରମରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭଳି ବି. ଟେକ. (ଇଞ୍ଜିନିୟରିଂ) ଡିଗ୍ରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଦିଆଯାଉଥିବା ସମାନ ସୁବିଧା ପ୍ରଦାନ କରାଯିବା ଉଚିତ କି ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଏହି ପରିପ୍ରେକ୍ଷୀରେ ଏ ଆଇ ସି ଟି ଇ ତା ୬ ଜାନୁୟାରୀ ,୨୦୨୧ ରିଖ ଦିନ ଏକ ପତ୍ର ଜାରି କରିଥିଲା। ଏ ଆଇ ସି ଟି ଇ ନିମ୍ନଲିଖିତ ସର୍ତ୍ତାବଳୀରେ ସ୍ଥିତି ସ୍ପଷ୍ଟ କରିଛି :

"ଏହି କାର୍ଯ୍ୟାଳୟ ଏହି ପ୍ରସଙ୍ଗକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିଛି ଏବଂ ଜାଣିବାକୁ ପାଇଛି ଯେ ପି ଜି ଡି ଏମ୍ ପାଠ୍ୟକ୍ରମ ସମ୍ବନ୍ଧରେ ୧୯ ଅଗଷ୍ଟ ୨୦୨୦ ରେ ଜାରି କରାଯାଇଥିବା ବିଜ୍ଞପ୍ତି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖିତ ସମୟକୁ ଦୃଷ୍ଟିରେ ରଖି ଜାରି କରାଯାଇଛି , ଯେଉଁଥିରେ କୋଭିଡ-୧୯ ମହାମାରୀ କାରଣରୁ ଅନେକ ରାଜ୍ୟରେ ଅଖିଳ ଭାରତୀୟ ପ୍ରବେଶିକା ପରୀକ୍ଷା ଆୟୋଜନ କରାଯାଇପାରିନାହିଁ କିମ୍ବା ବିଳମ୍ବରେ କରାଯାଇଛି । କିନ୍ତୁ ବି. ଟେକ୍. ଇଞ୍ଜିନିୟରିଂ କ୍ଷେତ୍ରରେ ସେଭଳି ସ୍ଥିତି ନଥିଲା । ତେଣୁ ୧୯ .୦୮ .୨୦୨୦ର ପରିପତ୍ର ଆଦେଶ (ସର୍କୁଲାର) ଅନୁରୂପ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ଲାଗି କୌଣସି ସାଧାରଣ ପରିପତ୍ର ଆଦେଶ (ସର୍କୁଲାର) ଜାରି କରିବାର ଆବଶ୍ୟକତା ନଥିଲା । ଆହୁରି ମଧ୍ୟ କାରଣ ହେଉଛି ଅନୁମୋଦନ ପ୍ରକ୍ରିୟା ସରକାରୀ ପୁସ୍ତିକା (ହ୍ୟାଣ୍ଡବୁକ୍) ୨୦୨୦ - ୨୧ ର ଅଧ୍ୟାୟ ୭ ର ପାରା ୭.୨ ରେ ଏହା ଉଲ୍ଲେଖ କରାଯାଇଛି ଯେ , "ସମ୍ପୃକ୍ତ ରାଜ୍ୟ ସରକାର / କେନ୍ଦ୍ର ଶାସିତ ପ୍ରଦେଶ ନାମଲେଖା ପ୍ରାଧିକାରୀ ନାମଲେଖା ପାଇଁ ପ୍ରକ୍ରିୟା ନିର୍ଦ୍ଧାରଣ କରିବେ । ଏହା ମଧ୍ୟ ଦେଖିବାକୁ ମିଳିଛି ଯେ ଓଡ଼ିଶା ସରକାର ଖାଲି ପଡ଼ିଥିବା ସିଟରେ ନାମ ଲେଖାଇବା ପାଇଁ ନିୟମ ନିର୍ଦ୍ଧାରଣ କରିବା ପାଇଁ ଓଡିଶା ବୃତ୍ତିଗତ ଶିକ୍ଷା {(ପି)ପ୍ରୋଫେସନାଲ (ଇ)ଏଡୁ୍ୟକେସନାଲ} ଅନୁଷ୍ଠାନ (ପ୍ରବେଶ ନିୟନ୍ତ୍ରଣ ଏବଂ ଶୁଳ୍କ ନିର୍ଦ୍ଧାରଣ ) ଅଧିନିୟମ , ୨୦୦୭ ରେ ବ୍ୟବସ୍ଥା କରିଛନ୍ତି ।

ଏହି ପରିପ୍ରେକ୍ଷୀରେ , ବି. ଟେକ. ଇଞ୍ଜିନିୟରିଂ ଷ୍ଟ୍ରିମ୍ ସମ୍ବନ୍ଧରେ ୧୯ .୦୮ .୨୦୨୦ ରେ ଜାରି କରାଯାଇଥିବା ପରିପତ୍ର ଆଦେଶ (ସର୍କୁଲାର) ସହିତ ସମାନ ସୁବିଧା ପ୍ରଦାନ କରୁଥିବା କୌଣସି ସାଧାରଣ ପରିପତ୍ର ଆଦେଶ (ସର୍କୁଲାର) ଜାରି କରିବାର ଆବଶ୍ୟକତା ନାହିଁ । କୋଭିଡ-୧୯ ମହାମାରୀ କାରଣରୁ ସାରା ଦେଶରେ ଦେଖାଦେଇଥିବା ଅସ୍ୱାଭାବିକ ପରିସ୍ଥିତି ଏବଂ ବିଭିନ୍ନ ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ କ୍ଷେତ୍ରୀୟ ପରିସ୍ଥିତିକୁ ଧ୍ୟାନରେ ରଖି ରାଜ୍ୟ ସରକାର ଇଞ୍ଜିନିୟରିଂ

ପାଠ୍ୟକ୍ରମରେ ନାମ ଲେଖାଇବାର ପ୍ରକ୍ରିୟା ସଂପର୍କରେ ୨୦୨୦-୨୦୨୧ ଶିକ୍ଷାବର୍ଷର ନାମଲେଖା ସମୟସୀମା ଧାର୍ଯ୍ୟ କରି ଉପଯୁକ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

ଏହା ଦକ୍ଷ ପ୍ରାଧିକାରୀଙ୍କ ଅନୁମୋଦନ କ୍ରମେ ଜାରି କରାଯାଇଛି ।"

୫. ଉପରୋକ୍ତ ପତ୍ର ପରେ , ପ୍ରଥମ ଆବେଦନକାରୀ ୭ ଜାନୁୟାରୀ ୨୦୨୧ ରେ ପ୍ରଥମ ପ୍ରତିବାଦକାରୀଙ୍କୁ ସୂଚନା ଦେଇଥିଲେ ଯେ ଏ ଆଇ ସି ଟି ଇ ଦ୍ୱାରା ଜାରି ପରିପତ୍ର (ସର୍କୁଲାର) କେବଳ ପି ଜି ଡି ଏମ୍ / ଏମ୍ ବି ଏ ପାଠ୍ୟକ୍ରମ ସହିତ ସଂଶ୍ଳିଷ୍ଟ , ବି.ଟେକ. ଡିଗ୍ରୀ ପାଠ୍ୟକ୍ରମ ସହିତ ନୁହେଁ । ଯୋଗ୍ୟତା ପରୀକ୍ଷାରେ ମିଳିଥିବା ନମ୍ବର ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ବି. ଟେକ. ପାଠ୍ୟକ୍ରମରେ ନାମ ଲେଖାଇବା ଅନୁମତି ପାଇଁ ନିର୍ଦ୍ଦେଶ ଦେବା ଲାଗି ପ୍ରଥମ ପ୍ରତିବାଦୀଙ୍କ ପକ୍ଷରୁ ପ୍ରଥମ ଆବେଦନକାରୀଙ୍କ ଯୋଗାଯୋଗକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା । ୨୦୨୧ ଜାନୁୟାରୀ ୨୧ ତାରିଖରେ ଉଚ୍ଚ ନ୍ୟାୟାଳୟ ଏହି ନିଷ୍ପତ୍ତିରେ ପହଞ୍ଚିଥିଲେ ଯେ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀଙ୍କୁ ବି.ଟେକ. (ଇଞ୍ଜିନିୟରିଂ) ପାଠ୍ୟକ୍ରମରେ ଯୋଗ୍ୟତା ପରୀକ୍ଷାର ପ୍ରାପ୍ତାଙ୍କ ଅନୁସାରେ ନାମ ଲେଖାଇବାକୁ ଅନୁମତି ଦିଆଯାଇନଥିବା ତା ୭. ୧. ୨୦୨୧ ରିଖ ପତ୍ର ରେ ତ୍ରୁଟି ପରିଲକ୍ଷିତ ହୋଇଛି । ଏ ଆଇ ସି ଟି ଇ ର ପରିପତ୍ର ଆଦେଶ (ସର୍କୁଲାର) ଆଧାରରେ ପି ଜି ଡି ଏମ୍ / ଏମ୍ ବି ଏ ପାଠ୍ୟକ୍ରମ ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କୁ ଯେଉଁ ସୁବିଧା ପ୍ରଦାନ କରାଯାଉଥିଲା ସେହି ସୁବିଧା ଇଞ୍ଜିନିୟରିଂ ଡିଗ୍ରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବା ଉଚିତ ବୋଲି ଉଚ୍ଚ ନ୍ୟାୟାଳୟ ମତ ଦେଲେ ।

୬. ଆବେଦନକାରୀମାନଙ୍କ ତରଫରୁ ସ୍ଥାୟୀ ଓକିଲ (ଷ୍ଟାଣ୍ଡିଂ କାଉନସେଲ) ଶ୍ରୀ ଶିବ ଶଙ୍କର ମିଶ୍ରଙ୍କ ସହ ହାଜିର ରହୁଥିବା ମହାନ୍ୟାୟାଭିକର୍ତ୍ତା (ସଲିସିଟର ଜେନେରାଲ) ଶ୍ରୀ ତୁଷାର ମେହେଟ୍ଟାଙ୍କ ଦ୍ୱାରା କରାଯାଇଥିବା ନିବେଦନରେ କୁହାଯାଇଛି ଯେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ୨୦୦୭ ଅଧିନିୟମର ଧାରା ୩ ରେ ଥିବା ବ୍ୟବସ୍ଥା ବିରୁଦ୍ଧରେ ରହିଛି । ଏହା ଦୃଢ ଭାବରେ କୁହାଯାଇଛି ଯେ ଏହି ଅଧିନିୟମର ବ୍ୟବସ୍ଥା ବଶବର୍ତ୍ତୀ ରହି ସମସ୍ତ ଘରୋଇ ବୃତ୍ତିଗତ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀଙ୍କ ନାମଲେଖା, ବା ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନଙ୍କ ନାମଲେଖା ପାଇଁ ଥିବା ସମସ୍ତ ସିଟଗୁଡିକୁ ପାର୍ଶ୍ୱ ପ୍ରବେଶ ସିଟ ସମେତ ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରବେଶିକା ପରୀକ୍ଷା(ଗୁଡ଼ିକ) ଏବଂ ମେଧାକ୍ରମେ କେନ୍ଦ୍ରୀକୃତ ପରାମର୍ଶ ଜରିଆରେ ନୀତି ଯୋଜନା ସଂସ୍ଥା ଦ୍ୱାରା ସୁପାରିସ କରାଯାଇଥିବା ତଥା ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରକ୍ରିୟା ଅନୁଯାୟୀ କରାଯିବ। ତେଣୁ ଉଚ୍ଚ ନ୍ୟାୟାଳୟଙ୍କର ରାଜ୍ୟ ସରକାରଙ୍କୁ ଯୋଗ୍ୟତା ପରୀକ୍ଷାରେ ପ୍ରାପ୍ତାଙ୍କ ଆଧାରରେ ବି.ଟେକ.ଡ଼ିଗ୍ରୀ ପାଠ୍ୟକ୍ରମରେ ନାମଲେଖା ପ୍ରବେଶକୁ ଅନୁମତି ଦେବା ନିର୍ଦ୍ଦେଶକୁ ଧାରା ୩ (୧) ର ବିପରୀତ

ଅଟେ ବୋଲି କୁହାଯାଇଛି । ଏହା ବ୍ୟତୀତ ପୂର୍ବରୁ ଉଲ୍ଲେଖ କରାଯାଇଥିବା ଏ ଆଇ ସି ଟି ଇ ଚିଠିରେ ସ୍ପଷ୍ଟ ଭାବେ କହିଛିନ୍ତି ଯେ ବି. ଟେକ. ଡିଗ୍ରୀ ପାଠ୍ୟକ୍ରମକୁ ପି ଜି ଡି ଏମ୍ / ଏମ୍ ବି ଏ ପାଠ୍ୟକ୍ରମ ସହିତ ସମାନ ରଖାଯାଇପାରିବ ନାହିଁ । ତେଣୁ ରାଜ୍ୟ ଆଇନର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଉପଯୁକ୍ତ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କ ଉପରେ ଛାଡ଼ି ଦିଆଯାଇଛି ।

୭. ଅନ୍ୟପକ୍ଷରେ , ପ୍ରଥମ ଉତ୍ତରଦାତାଙ୍କ ତରଫରୁ ହାଜର ହୋଇଥିବା ବରିଷ୍ଠ ଓକିଲ , ଶ୍ରୀ ସିଦ୍ଧାର୍ଥ ଦବେ, ସଚେତନତା ପ୍ରଦାନ କରି କହିଛନ୍ତି ଯେ , ବାସ୍ତବରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ସୁବିଧା ଓଡ଼ିଶା ରାଜ୍ୟରେ ପାଖାପାଖି ୫୯୨ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି ଯେଉଁମାନେ କି ପ୍ରତ୍ୟକ୍ଷ ପ୍ରବେଶ ଦ୍ୱାରା ବି. ଟେକ୍. ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି ଏବଂ ୨୪୩ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି ଯେଉଁମାନେ ପାର୍ଶ୍ୱ ପ୍ରବେଶ ଅଧୀନରେ ନାମ ଲେଖାଇଛନ୍ତି । ଏହି ପରିପ୍ରେକ୍ଷୀରେ , ଅପିଲର ସାରାଂଶରେ ନିମ୍ନଲିଖିତ ସାରଣୀ ରେକର୍ଡ ଉପରେ ରଖାଯାଇଛି :

| | | |
|---|---|---|
| "୧. | ବି. ଟେକ. ୪ ବର୍ଷର ପାଠ୍ୟକ୍ରମରେ ମୋଟ ସିଟ ସଂଖ୍ୟା | ୩୩ , ୬୫୩ |
| ୨. | ଓ ଜେଇ ଇ ୨୦୨୦ସମୟରେ ବି. ଟେକ. ଅଧୀନରେ ମିଳିଥିବା ମୋଟ ଆବେଦନ | ୧୪, ୪୨୨ |
| ୩. | ବି.ଟେକ୍. ଅଧୀନରେ ଓ ଜେ ଇ ଇ ୨୦୨୦ ରେ ଉପସ୍ଥିତ ଥିବା ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା | ୬, ୬୦୫ |
| ୪. | ବି.ଟେକ. ୪ ବର୍ଷର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଓ ଜେ ଇ ଇ ୨୦୨୦ ପାଇଁ ପରାମର୍ଶ ନେଇଥିବା ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା- | ଜି ମେନ୍ ମେରିଟ ଲିଷ୍ଟରୁ - ୧୧, ୬୮୨ |
| | | ଓ ଜେ ଇ ଇ ମେରିଟ ଲିଷ୍ଟରୁ – ୨,୨୮୫ |
| ୫. | ଓ ଜେ ଇ ଇ ୨୦୨୦ ପରୀକ୍ଷା ରୁ ବି.ଟେକ. ପାଠ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା- | ଓ ଜେ ଇ ଇ ପରାମର୍ଶ ସମୟରେ ୧,୨୨୭ |
| | | କଲେଜ / ସଂସ୍ଥାନ ସ୍ତରୀୟ ନାମଲେଖା ସମୟରେ ୧,୯୩୩ (ଓ ଜେ ଇ ଇ ପରାମର୍ଶ ପରେ)" |

୮. ଉପରୋକ୍ତ ଚାର୍ଟରେ ଦର୍ଶାଯାଇଛି ଯେ ବି. ଟେକ ଚାରି ବର୍ଷର ପାଠ୍ୟକ୍ରମ ପାଇଁ ୩୩ ହଜାରରୁ ଅଧିକ ସିଟ ରହିଛି , ବାସ୍ତବରେ ପ୍ରବେଶିକା ପରୀକ୍ଷା ଆଧାରରେ ଯୋଡ଼ି ହୋଇଥିବା ଛାତ୍ରଙ୍କ ସଂଖ୍ୟା ମୋଟ ସିଟ ସଂଖ୍ୟାର ମାତ୍ର ଏକ ସାମାନ୍ୟ ଅଂଶ । ବର୍ତ୍ତମାନର ବର୍ଷ ପାଇଁ କୋଭିଡ - ୧୯ ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି କୁହାଯାଇଛି ।

୯. ନାମ ଲେଖେଇଥିବା କେତେକ ଛାତ୍ରଛାତ୍ରୀଙ୍କ ତରଫରୁ ଶ୍ରୀମାନ ଓକିଲ ଶ୍ରୀ ଗୌରବ ଅଗ୍ରୱାଲ ଯୁକ୍ତି ଉପସ୍ଥାପନ କରିଛନ୍ତି ।

୧୦. ଶ୍ରୀ ସିଦ୍ଧାର୍ଥ ଦବେଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ନିବେଦନକୁ ଦୃଷ୍ଟିରେ ରଖି ଆମେ ମହାନ୍ୟାୟାଭିବକ୍ତା (ସଲିସିଟର ଜେନେରାଲ)ଙ୍କୁ ଅନୁରୋଧ କରିଥିଲୁ ଯେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ନାମଲେଖା କରିଥିବା ଛାତ୍ରଛାତ୍ରୀଙ୍କ ପ୍ରକୃତ ସଂଖ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ କ୍ଷମତାପନ୍ନ ପ୍ରାଧିକାରୀଙ୍କଠାରୁ ତଥ୍ୟଗତ ସ୍ପଷ୍ଟୀକରଣ ନିଅନ୍ତୁ । ମହାନ୍ୟାୟାଭିବକ୍ତା (ସଲିସିଟର ଜେନେରାଲ) କହିଥିଲେ ଯେ ବାସ୍ତବରେ ପାଖାପାଖି ୫୯୨ ଛାତ୍ରଛାତ୍ରୀ ବି.ଟେକ. ଡିଗ୍ରୀ ପାଠ୍ୟକ୍ରମରେ ସିଧାସଳଖ ପ୍ରବେଶ କରିପାରିଛନ୍ତି ଏବଂ ୨୪୩ ଜଣ ଛାତ୍ରଛାତ୍ରୀ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପାର୍ଶ୍ୱ ପ୍ରବେଶ ( ଲାଟେରାଲ ଏଣ୍ଟ୍ରି) ଅଧୀନରେ ନାମ ଲେଖାଇଛନ୍ତି ।

୧୧. ଯୋଗ୍ୟତା ପରୀକ୍ଷାରେ ପ୍ରାପ୍ତାଙ୍କ ଆଧାରରେ ବି. ଟେକ. ଡିଗ୍ରୀ ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇବା ଲାଗି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା (ମାଣ୍ଡାମସ) ୨୦୦୭ ଅଧିନିୟମର ଧାରା ୩ (୧) ର ସର୍ତ୍ତାବଳୀ ସ୍ପଷ୍ଟ ଭାବେ ବିପରୀତ । ଏହି ଦୃଷ୍ଟିରୁ ଉଚ୍ଚ ନ୍ୟାୟାଳୟ ପୂର୍ବେ ଦେଇଥିବା ତା ୨୪.୧୨.୨୦୨୦ ରିଖ ଆଦେଶ ଦ୍ୱାରା ବି. ଟେକ୍. ଡିଗ୍ରୀ ପାଠ୍ୟକ୍ରମରେ ପ୍ରବେଶ କରିବାକୁ ଇଚ୍ଛୁକ ବିଦ୍ୟାର୍ଥୀମାନଙ୍କୁ ଦିଆଯାଇଥିବା ଉପଲବ୍ଧିମାନ ପି ଜି ଡି ଏମ୍ /ଏମ୍ ବି ଏ ପାଠ୍ୟକ୍ରମର ବିଦ୍ୟାର୍ଥୀମାନଙ୍କୁ ଦିଆଯିବ କି ନାହିଁ ସେହି ନିଷ୍ପତି ନେବାକୁ ଏ ଆଇ ସି ଟି ଇ ଏବଂ ରାଜ୍ୟ ସରକାରଙ୍କ ଉପରେ ଛାଡିଦେଇଥିଲେ । ଏ ଆଇ ସି ଟି ଇ ନିଜର ପତ୍ରରେ ସ୍ପଷ୍ଟ ଭାବେ ସୂଚୀତ କରିଛି ଯେ ବି.ଟେକ୍. ଡିଗ୍ରୀ ପାଠ୍ୟକ୍ରମକୁ ପି ଜି ଡି ଏମ୍ / ଏମ୍ ବି ଏ ପାଠ୍ୟକ୍ରମ ସହ ସମାନ ରଖାଯାଇପାରିବ ନାହିଁ । ତେଣୁ ସଠିକ୍ ନିଷ୍ପତି ଗ୍ରହଣ କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ଛାଡିଦିଆଯାଇଥିଲା । ଶ୍ରୀ ସିଦ୍ଧାର୍ଥ ଦାଭେଙ୍କ କହିବା ସଠିକ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ତା ୭ ଜାନୁୟାରୀ,୨୦୨୧ ରିଖରେ ନିଆଯାଇଥିବା ନିଷ୍ପତ୍ତି ଏ ଆଇ ସି ଟି ଇ ଦ୍ୱାରା ସମ୍ବୋଧିତ ଚିଠିର ଭୁଲ ବ୍ୟାଖ୍ୟା

ଉପରେ ଆଧାରିତ ଥିଲା ଯେ ଏ ଆଇ ସି ଟି ଇ କାର୍ଯ୍ୟପନ୍ଥାକୁ ଅନୁମୋଦନ କରିନାହିଁ । ତେବେ ଏ ସ୍ଥିତିକୁ ଏଡାଇ ଦିଆଯାଇପାରିବନାହିଁ ଯେ ରାଜ୍ୟ ସରକାର ଓଡ଼ିଶାରେ କାର୍ଯ୍ୟରତ ଧାରା ୩ (୧) ର ବ୍ୟବସ୍ଥା ପାଳନ କରିବା ପାଇଁ ବାଧ୍ୟ । ଏହି ପରିପ୍ରେକ୍ଷୀରେ , ଉଚ୍ଚ ନ୍ୟାୟାଳୟ ଆଇନବିଧିର ବ୍ୟବସ୍ଥା ଅନୁଯାୟୀ, ବିଶେଷ କରି ଧାରା ୩(୧) ଅନୁଯାୟୀ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶନାମା (ମାଣ୍ଡାମସ୍ ) ଜାରି କରିବା ଯୁକ୍ତିଯୁକ୍ତ ନୁହେଁ ।

୧୨. ତଦନୁସାରେ , ଆମର ମତ ହେଉଛି ଯେ ଆଇନର ଭୁଲ ଧାରଣା ଉପରେ ଉଚ୍ଚ ନ୍ୟାୟାଳୟଙ୍କର ରାୟ ଦିଆଯାଇଛି ଏବଂ ତାହାକୁ ରଦ୍ଦ କରିବାକୁ ପଡ଼ିବ । ତଦାନୁସାରେ ଆମ୍ଭେ ଆଦେଶ ଦେଉଛୁ ।

୧୩. ଏହିପରି ଭାବେ ଦେଖିବା ପରେ , ଆମ ସମ୍ମୁଖରେ ଏବେ ମଧ୍ୟ ଏକ ସମସ୍ୟା ରହିଛି - ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ୫୯୨ ଜଣ ଛାତ୍ରଛାତ୍ରୀ ଯେଉଁମାନେ ସିଧାସଳଖ ପ୍ରବେଶିକା ମାଧ୍ୟମରେ ନାମ ଲେଖାଇଛନ୍ତି ଏବଂ୨୪୩ ଜଣ ଛାତ୍ରଛାତ୍ରୀ ବି. ଟେକ. ଡିଗ୍ରୀ ପାଠ୍ୟକ୍ରମରେ ପାର୍ଶ୍ୱ ପ୍ରବେଶ ମାଧ୍ୟମରେ ନାମ ଲେଖାଇଛନ୍ତି । କୋଭିଡ-୧୯ ମହାମାରୀର ପ୍ରଭାବକୁ ନ୍ୟାୟାଳୟ ଅଣଦେଖା କରିପାରିବେ ନାହିଁ । ପ୍ରବେଶିକା ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ରାଜ୍ୟରେ ଉପଲବ୍ଧ ମୋଟ ସିଟ ସଂଖ୍ୟାଠାରୁ କମ୍ । ପୂର୍ବରୁ ନାମ ଲେଖାଇ ସାରିଥିବା ଏପରି ଛାତ୍ରଛାତ୍ରୀଙ୍କୁ ବିସ୍ଥାପିତ କରିବା ନ୍ୟାୟ ପାଇଁ ହିତକର ନୁହେଁ । ତେଣୁ ସମ୍ବିଧାନର ଧାରା ୧୪୨ ଅନୁଯାୟୀ ଆମର କ୍ଷେତ୍ରାଧିକାର ପ୍ରୟୋଗ କରି ଆମର ମତ ଏହି ଯେ ଚଳିତ ବର୍ଷ ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ସିଧାସଳଖ ପ୍ରବେଶିକା ଅଧୀନରେ ୫୯୨ ଛାତ୍ରଛାତ୍ରୀଙ୍କୁ ଏବଂ ବି. ଟେକ. ଡିଗ୍ରୀ ପାଠ୍ୟକ୍ରମରେ ପାର୍ଶ୍ୱ ପ୍ରବେଶ ଅଧୀନରେ ୨୪୩ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ନାମଲେଖା ପ୍ରବେଶକୁ ବିଶୃଙ୍ଖଳିତ କରିବା ଉଚିତ ନୁହେଁ । କୋଭିଡ -୧୯ ମହାମାରୀ ସମୟରେ ସମ୍ମୁଖୀନ ହେଉଥିବା ଅତ୍ୟନ୍ତ କଷ୍ଟକର ପରିସ୍ଥିତିକୁ ଧ୍ୟାନରେ ରଖି ଆମେ ଏହି ନିର୍ଦ୍ଦେଶ ଦେଉଛୁ । ଉପରୋକ୍ତ ୫୯୨ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଯେଉଁମାନେ ସିଧାସଳଖ ନାମ ଲେଖାଇ ସାରିଛନ୍ତି ଏବଂ ୨୪୩ ଜଣ ଛାତ୍ରଛାତ୍ରୀ ଯେଉଁମାନେ ପାର୍ଶ୍ୱ ପ୍ରବେଶ (ଲାଟେରାଲ ଏଣ୍ଟ୍ରି ) ରେ ନାମ ଲେଖାଇ ସାରିଛନ୍ତି ସେମାନଙ୍କ ପାଇଁ ମହାନ୍ୟାୟାଭିବକ୍ତା (ସଲିସିଟର ଜେନେରାଲ) ଯଥୋଚିତ ନିର୍ଦ୍ଦେଶ ନେବାପାଇଁ ଉଚ୍ଚ ନ୍ୟାୟାଳୟ ଉପରେ ଛାଡିଛନ୍ତି ।

୧୪. ଆମେ ନିର୍ଦ୍ଦେଶ ଦେଉଛୁ ଯେ, ଆଇନଗତ ସ୍ଥିତି ସ୍ଥିର କରିବା ସମୟରେ ଉପରୋକ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ପ୍ରଭାବିତ ହେବ ନାହିଁ।

୧୫. ତଦନୁସାରେ ଆବେଦନର ଫୈସଲା ଶେଷ କରାଗଲା ।

୧୬. ଯଦି ଅନ୍ୟ କୌଣସି ଆବେଦନ ବିଚାରାଧୀନ ରହିଥିବ,ତାହାକୁ ସମାପ୍ତ କରାଗଲା ।

........... ବିଚାରପତି

**[ଡ. ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼]**

........... ବିଚାରପତି

**[ଆର୍ ସୁଭାଷ ରେଡ୍ଡୀ]**

**ନୂଆଦିଲ୍ଲୀ ;**
**ଜୁନ ୨୯ , ୨୦୨୧**
**–ଏସ୍ -**

............ ବିଚାରପତି
**[ଏସ୍ ରବୀନ୍ଦ୍ର ଭଟ୍ଟ]**

## ଅସ୍ବୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ବୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡିଶା ଉଚ୍ଚ ନ୍ୟାୟାଳୟ , କଟକ**